# ତିନି ମହଲାରେ ଜନଶୁଣାଣିକୁ ନେଇ ଅସନ୍ତୋଷ





ଲିଫ୍ଟ ଅଚଳ ପଡ଼ିଥିବା ବେଳେ ତିନି ମହଲା ଉପରେ ହେଉଥିବା ଜନଶୁଣାଣିକୁ ଭିନ୍ନକ୍ଷମ ପୁଅକୁ ନେଇ ବୃଦ୍ଧ ଓ ବୋହୂ ସହିତ ଜଣେ ବୃଦ୍ଧା ଯାଉଛନ୍ତି।

■ଯାତାୟାତରେ ଅସୁବିଧା ଭୋଗୁଛନ୍ତି ଭିନ୍ନକ୍ଷମ, ବୃଦ୍ଧାବୃଦ୍ଧ

■୨ ମାସ ହେଲା ଅଚଳ ରହିଛି ଜିଲାପାଳଙ୍କ କାର୍ଯ୍ୟାଳୟ ଲିଫ୍ଟ

ଅନୁଗୋଳ,୨୦।୧(ମାନସ ବିଶ୍ୱାଳ)

ଜନସାଧାରଣଙ୍କ ସମସ୍ୟା, ଆପତ୍ତି ଅଭିଯୋଗ ଶୁଣିବାକୁ ପ୍ରଶାସନ ପକ୍ଷରୁ ପ୍ରତି ସପ୍ତାହରେ ଜନ ଶୁଣାଣିର ଆୟୋଜନ କରାଯାଉଛି। ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ ଏହି ଜନ ଶୁଣାଣି ଅନୁଷ୍ଠିତ ହେଉଛି। ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟର ୩ ମହଲାରେ ଏହି ଜନ ଶୁଣାଣି ହେଉଥିବାରୁ ସେଠାକୁ ଯାଇ ଅଭିଯୋଗ କରିବାରେ ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଜିଲାପାଳଙ୍କ କାର୍ଯ୍ୟାଳୟର ଲିଫ୍ଟ ୨ ମାସ ହେଲା ଅଚଳ ଅବସ୍ଥାରେ ଥିବାରୁ ଭିନ୍ନକ୍ଷମ ଓ ବୃଦ୍ଧାବୃଦ୍ଧମାନଙ୍କୁ ପାହାଚ ଚଢ଼ି ୩ ମହଲାରେ ପହଞ୍ଚିବା ଅତି କଷ୍ଟକର ହୋଇପଡୁଛି। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟର ୩ୟ ମହଲାରେ ଅନୁଷ୍ଠିତ ଜନଶୁଣାଣିକୁ ଆସିଥିବା କେତେଜଣ ଭିନ୍ନକ୍ଷମ ଓ ବୃଦ୍ଧାବୃଦ୍ଧ, ରୋଗୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

ଭିନ୍ନକ୍ଷମ ପୁଅକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣିକୁ ଆସିଥିବା ବାପା ଅଜୟ ସାହୁ କହିଛନ୍ତି, ପୁଅ ଭିନ୍ନକ୍ଷମ ହୋଇଥିଲେ ହେଁ ସରକାରୀ ସହାୟତା ମିଳିପାରୁନି। ବାରମ୍ବାର ଆବେଦନ କରି ବିଫଳ ହେବା ପରେ ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରି ଲିଖିତ ଆବେଦନ କରିଛି। ଉପର ମହଲାରେ ଜନଶୁଣାଣି ହୋଇଥିବାରୁ ଭିନ୍ନକ୍ଷମ ପୁଅକୁ ଟେକି ତିନି ମହଲା ଉପରକୁ ଯିବା ଭାରି କଷ୍ଟକର ଥିଲା। ବୃଦ୍ଧା କମଳିନୀ ନାୟକ କହିଛନ୍ତି, ବାର୍ଦ୍ଧକ୍ୟ ଭତ୍ତା ମିଳୁ ନ ଥିବାରୁ ଜନଶୁଣାଣିକୁ ଅଭିଯୋଗ କରିବାକୁ ଆସିଥିଲି। ସାଙ୍ଗରେ ବୋହୂ ଓ କଅଁଳା ଛୁଆଟିଏ ଥିଲେ। ଏ ଅବସ୍ଥାରେ ତିନି ମହଲା ଉପରକୁ ଯିବାରେ ବଡ଼ ଅସୁବିଧା ଭୋଗ କରିବାକୁ ପଡ଼ିଲା। କେବଳ ଏମାନେ ନୁହଁନ୍ତି, ଅନେକ ସମୟରେ ଅଭିଯୋଗ କରିବାକୁ ଆସୁଥିବା ଭିନ୍ନକ୍ଷମ, ରୋଗୀମାନଙ୍କୁ ସମ୍ପର୍କୀୟମାନେ ଟେକି ଟେକି ଉପରକୁ ନେଉଥିବା ଦେଖିବାକୁ ମିଳୁଛି। ଭିନ୍ନକ୍ଷମମାନଙ୍କ ଯାତାୟାତ ପାଇଁ ଏଠାରେ ସେପରି ସୁବିଧା କରାଯାଇ ନ ଥିବାବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ଲିଫ୍ଟ ମଧ୍ୟ ୨ ମାସ ହେବ ଅଚଳ ହୋଇପଡ଼ିଛି। ଏଥିସହ ଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱିତୀୟ ଓ ତୃତୀୟ ମହଲାରେ ନିଜାରତ ବିଭାଗ ଠାରୁ ଆରମ୍ଭ କରି ପୁନର୍ବାସ ଓ ଥଇଥାନ ବିଭାଗ, ଏମରଜେନ୍ସି ରେସପନ୍ସ ସେଣ୍ଟର, ଜୁଡିସିଆଲ ସେକ୍ସନ, ଜିଲା ନିୟନ୍ତ୍ରଣ କକ୍ଷ, ଜିଲା ୱାଟର ଆଣ୍ଡ ସାନିଟେଶନ୍ ମିଶନ, ଜିଲା ନିର୍ବାଚନ କାର୍ଯ୍ୟାଳୟ, ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍‌ଙ୍କ କ୍ୟାବିନ, ଭୂ-ଅର୍ଜନ (ସାଧାରଣ) ଅନୁବିଭାଗ ଅଫିସ ଆଦି ରହିଥିବାରୁ ଅଧିକାରୀ ଓ କର୍ମଚାରୀମାନେ ଲିଫ୍ଟ ବିନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟା ସମ୍ପର୍କରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ କହିଛନ୍ତି, ବୟସ୍କ ଓ ଭିନ୍ନକ୍ଷମମାନେ ତୃତୀୟ ମହଲାକୁ ଯିବା ସହଜ ହେଉନି। ଲିଫ୍ଟ ମରାମତି କରାଯିବାର ଥିଲା। ଏଯାଏ ତାହା ହୋଇପାରିନାହିଁ। ଆସନ୍ତା ଜନଶୁଣାଣି ତଳ ମହଲାରେ କରାଯିବ।

# ବଦଳି ବାତିଲ ଦାବିରେ ସ୍କୁଲରେ ତାଲା ପକାଇ ଧାରଣା



ବିଦ୍ୟାଳୟ ସମ୍ମୁଖ ଗେଟ୍‌ରେ ତାଲା ପକାଇ ଧାରଣା ଦିଆଯାଇଛି।

ଛେଣ୍ଡିପଦା,୨୦।୧ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡା ପଞ୍ଚାୟତ ରାଇପାଳ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତିବାଦରେ ସୋମବାର ବିଦ୍ୟାଳୟ ସମ୍ମୁଖ ଫାଟକରେ ତାଲା ପକାଇ ଅଭିଭାବକ ଓ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି। ଅଭିଭାବକ କହିଛନ୍ତି, ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୪ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ମୋଟ ୨ଜଣ ଶିକ୍ଷୟିତ୍ରୀ ସ୍କୁଲରେ ରହିଥିବାରୁ ପାଠପଢ଼ାରେ ଅସୁବିଧା ହେଉଛି। ସ୍କୁଲରେ ଶିକ୍ଷକ ନିଯୁକ୍ତି ବଦଳରେ ଏଠାରୁ ଶିକ୍ଷୟିତ୍ରୀ ଟିକି ସାହୁଙ୍କୁ ଅସ୍ଥାୟୀ ଭାବେ ଖଇରବେରେଣି ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି। ଫଳରେ ୫ଦିନ ହେବ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି। ଏହାକୁ ନେଇ ଅଭିଭାବାବ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ସ୍କୁଲ ପରିଚାଳନା କମିଟି ସଭାପତି ବିଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଅଭିଭାବକ, ଛାତ୍ରୀଛାତ୍ର ଗ୍ରାମବାସୀ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବିରେ ବିଦ୍ୟାଳୟ ମୁଖ୍ୟ ଫଟକରେ ତାଲା ପକାଇ ଧାରଣାରେ ବସିଥିଲେ। ପରିଚାଳନା କମିଟି ଓ ଅଭିଭାବକଙ୍କ ସହିତ ଆଲୋଚନା ପରେ ଶିକ୍ଷୟିତ୍ରୀଙ୍କ ବଦଳିକୁ ବାତିଲ କରାଯିବ ବୋଲି ସିଆର୍‌ସିସି ସୁରେଶ ସାହୁ କହିଛନ୍ତି।

# ବିନା କାମରେ ବିଲ୍ ଅଭିଯୋଗ



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଅଭିଯୋଗକାରୀ।

ଅନୁଗୋଳ,୨୦।୧(ଜ୍ୟୋତିରଞ୍ଜନ ସାହୁ)

ରାସ୍ତା କାମ କରା ନ ଯାଇ ବିଲ୍ କରାଯାଇଛି। ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ଏପରି ଦୁର୍ନୀତି କରାଯାଇଥିବା ନେଇ ଟାଙ୍ଗିରୀ ପଞ୍ଚାୟତର ସମିତିସଭ୍ୟ ମହେଶ୍ୱର ମାଝୀ ଓ ଗ୍ରାମର କେତେଜଣ ବ୍ୟକ୍ତି ସୋମବାର ଜିଲାପାଳ ଓ ପିଡିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି, ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟାଙ୍ଗିରି ପଞ୍ଚାୟତର ବାରମଞ୍ଜା ଗାଁରେ ପଞ୍ଚମ ଅର୍ଥ କମିଶନ ଯୋଜନାରେ ଏକ ରାସ୍ତା ନିର୍ମାଣ ପାଇଁ ଅର୍ଥ ଆସିଥିଲା। ଗ୍ରାମର ବିଜୁ ମାଝୀଙ୍କ ଘରଠାରୁ ଆଉଁଳି ନଦୀ ପର୍ଯ୍ୟନ୍ତ ଏହି ରାସ୍ତା ପାଇଁ ୧୦ ଲକ୍ଷ ଟଙ୍କା ୨୦୨୪ ଡିସେମ୍ବର ୭ରେ ବ୍ୟୟବରାଦ କରାଯାଇଥିଲା। ଏଥିରେ ୫୦୦ ମିଟର ପକ୍କା ସଡ଼କ ନିର୍ମାଣ କରାଯିବା କଥା। ହେଲେ ରାସ୍ତା ନିର୍ମାଣ ପାଇଁ ଫଳକ ଲଗାଯାଇ ନ ଥିବାବେଳେ ନିର୍ମାଣ କାର୍ଯ୍ୟ ମଧ୍ୟ କରାଯାଇ ନାହିଁ। ତଥାପି ରାସ୍ତା କାମ କରାଯାଇଥିବା ନେଇ ବିଲ୍ କରାଯାଇଛି। ଏହାର ଉପଯୁକ୍ତ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏ ସମ୍ପର୍କରେ ଛେଣ୍ଡିପଦା ବିଡିଓ ତ୍ରିବିକ୍ରମ କୁମରା କହିଛନ୍ତି, ଏପରି ଅଭିଯୋଗ ଆସିଛି। ମଙ୍ଗଳବାର ଏହାର ତଦନ୍ତ କରାଯିବ। ଘଟଣାରେ ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ତିନି ଜଣିଆ ଟିମ୍ କଲେ ତଦନ୍ତ



ସମବାୟ ସମିତିରେ ତଦନ୍ତ କରୁଛନ୍ତି ତଦନ୍ତକାରୀ ଟିମ୍।

**ପୋକତୁଙ୍ଗା ସେବା ସମବାୟ ସମିତି ଦୁର୍ନୀତି ଘଟଣା**

■ଇସ୍ତଫା ଦେଲେ ଆଉ ଜଣେ ଡାଇରେକ୍ଟର

ବନ୍ତଲା,୨୦।୧(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ଥାନା ପୋକତୁଙ୍ଗା ପ୍ରାଥମିକ ସେବା ସମବାୟ ସମିତି ଦୁର୍ନୀତି ଘଟଣାରେ ସୋମବାର ତଦନ୍ତ ଆରମ୍ଭ ହୋଇଛି। ଅନୁଗୋଳ କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡ୍‌ର ଫାଇନାନ୍ସ ମ୍ୟାନେଜର ରାକେଶ ପ୍ରଧାନ, ଲୋନ ମ୍ୟାନେଜର ରୁଦ୍ର ମୋହନ ମିଶ୍ର ଓ ସଂଯୁକ୍ତ ସମବାୟ ବ୍ୟାଙ୍କ ଲିମିଟେଡ୍‌ର ମୁଖ୍ୟ ବ୍ରାଞ୍ଚ ମ୍ୟାନେଜର ଜୀବନାନନ୍ଦ ହୋତା ପୂର୍ବାହ୍ନ ୧୧ ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ତଦନ୍ତ କରିଛନ୍ତି। ପ୍ରାଥମିକ ସେବା ସମବାୟ ସମିତିର ସମସ୍ତ ଡାଇରେକ୍ଟରଙ୍କ ସହିତ ସଭାପତି, ସୁପରଭାଇଜର ଓ ସେବା ସମବାୟ ସମିତି ସମ୍ପାଦକଙ୍କ ଉପସ୍ଥିତିରେ ୨୦ ଅଭିଯୋଗ ଉପରେ ତଦନ୍ତ କରାଯାଇଥିଲା। ସମିତି ସମ୍ପାଦକ ଠିକ ଭାବେ ରିପୋର୍ଟ ଦେଇ ନ ପାରିବାରୁ ତଦନ୍ତକାରୀ ଟିମ୍ ଓ ଡାଇରେକ୍ଟରମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତଦନ୍ତ ଶେଷରେ ଡାଇରେକ୍ଟର ସଞ୍ଜୟ କୁମାର ସାହୁ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିଲେ। ସଞ୍ଜୟଙ୍କୁ ମିଶାଇ ୮ ଜଣ ନିର୍ଦ୍ଦେଶକ ବର୍ତ୍ତମାନ ସୁଦ୍ଧା ଇସ୍ତଫା ଦେଇସାରିଛନ୍ତି। ତେବେ ତଦନ୍ତ ଶେଷରେ ପୋକତୁଙ୍ଗା ପ୍ରାଥମିକ ସେବା ସମବାୟ ସମିତି ସମ୍ପାଦକ ରବି ନାରାୟଣ ସାହୁ ଜାନୁଆରୀ ୩୦ ସୁଦ୍ଧା ଡେ ବୁକ, କ୍ୟାଶବୁକ, ଭାଉଚର, ଚାଲାଣ ସମ୍ପୂର୍ଣ୍ଣ କରି ଦେବେ ବୋଲି ତଦନ୍ତକାରୀ ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଥିଲେ। ଏ ବିଷୟରେ ତଦନ୍ତକାରୀ ଅଧିକାରୀ ଲୋନ ମ୍ୟାନେଜର ରୁଦ୍ର ମୋହନ ମିଶ୍ର କହିଛନ୍ତି, ଅଭିଯୋଗରେ ସତ୍ୟତା ରହିଛି। ସମ୍ପାଦକ କୌଣସି ଗୋଟିଏ ବିଷୟରେ ମଧ୍ୟ ରିପୋର୍ଟ ଦେଖେଇ ପାରି ନାହାନ୍ତି। ଏ ନେଇ ରିପୋର୍ଟ କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡ୍ ମୁଖ୍ୟ ସେକ୍ରେଟାରିଙ୍କୁ ପ୍ରଦାନ କରାଯିବ।

# ପବିତ୍ରନଗରକୁ ବ୍ଲକ ମାନ୍ୟତା ଦାବି

ପବିତ୍ରନଗର,୨୦।୧(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ରନଗର ସତସଙ୍ଗ ଗୃହଠାରେ ରବିବାର ପବିତ୍ରନଗରକୁ ବ୍ଲକ ମାନ୍ୟତା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ଯୁଗଳ କିଶୋର ସାହୁଙ୍କ ଆହ୍ୱାନକ୍ରମେ ପବିତ୍ରନଗର ଅଞ୍ଚଳର ନେତୃମଣ୍ଡଳୀ ଏଥିରେ ଯୋଗ ଦେଇଥିଲେ। ପରାବିଲ ଗ୍ରାମ ସଭାପତି ରଘୁନାଥ ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ ପରାବିଲ, ବିରୁ, ବୁରୁକୁନା, କର୍ଣ୍ଣପାଳ, କୁଲେଇ, ସମଲ, ଅର୍କିଲ, ହରିହରପୁର, ଗଣ୍ଡମଳା, ଖୁଣ୍ଟୁବା, ତାଳପଦା, ଦଳକ, ହନୁମାନପୁର ସମେତ ୧୩ଟି ପଞ୍ଚାୟତର ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଜନ ପ୍ରତିନିଧି ତଥା ସାମାଜିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପବିତ୍ରନଗରକୁ ବ୍ଲକ ମାନ୍ୟତା ପ୍ରଦାନ ପାଇଁ ଦାବି କରିଥିଲେ। ରାଜ୍ୟ ସରକାରଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରାଯିବାକୁ ସ୍ଥିର କରାଯାଇଥିଲା। ମାନସ ରଞ୍ଜନ ପ୍ରଧାନ, ମହେଶ୍ୱର ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ସାହୁ, ରବିନ୍ଦ୍ର ରାଉତ, ସୁବ୍ରତ ଗଡ଼ନାୟକ, ଭକ୍ତରତ୍ନ ସାହୁ, ସୁଧାକର ସାହୁ, ଗଙ୍ଗାଧର ପ୍ରଧାନ, ରାମକୃଷ୍ଣ ପ୍ରଧାନ, କୈଳାସଚନ୍ଦ୍ର ସାହୁ, ପ୍ରଶାନ୍ତ ସାହୁ, ନରେନ୍ଦ୍ର ଗଡ଼ନାୟକ, ପର୍ଶୁରାମ ବିଶ୍ୱାଳ, ପ୍ରଭାକର ମହାନ୍ତି, ସୁବାସ ମହାନ୍ତି, ବିଜୟ ସାହୁ, ବିରଞ୍ଚି ସାହୁ, ଧ୍ରୁବ ବିଶ୍ୱାଳ, ଧନେଶ୍ୱର ବିଶ୍ୱାଳ, ହର୍ଷବର୍ଦ୍ଧନ ପ୍ରଧାନ, ଗୋବିନ୍ଦ ବେହେରା ପ୍ରମୁଖଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



# ଆନ୍ଦୋଳନ ପରେ ଧାନ ଉଠାଇଲେ ମିଲର

ବଇଣ୍ଡା,୨୦।୧(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ଲୁହାମୁଣ୍ଡା ସେବା ସମବାୟ ସମିତିଠାରେ ଧାନମଣ୍ଡିରେ କଟ୍‌ନିଛଟ୍‌ନିକୁ ନେଇ ହୋଇଥିବା ଆନ୍ଦୋଳନ ପରେ ପ୍ରଶାସନ ପକ୍ଷରୁ ଧାନର ମାନ ଯାଞ୍ଚ କରାଯାଇ ସୋମବାର ଧାନ ଉଠାଯାଇଛି। ଫଳରେ ଚାଷୀମାନେ ଆଶ୍ୱସ୍ତ ହୋଇଛନ୍ତି। ପ୍ରକାଶ ଯେ, ଆଠମଲ୍ଲିକ ଉପଖଣ୍ଡ ମାଧପୁରଠାରେ କଟନିଛଟନିକୁ ବିରୋଧ କରି ଚାଷୀମାନେ ରାସ୍ତାରୋକୋ କରିବା ସହ ବାମୁରଠାରେ ଆନ୍ଦୋଳନ କରିଥିଲେ। ସେହିପରି ଲୁହାମୁଣ୍ଡା ସୋସାଇଟିଠାରେ ଗୁରୁବାରଠାରୁ ମଣ୍ଡିରେ ଧାନ ରଖି ଚାଷୀମାନେ ଜଗିଥିବାବେଳେ ଶନିବାର ମିଲର ୫ କିଲୋ ଲେଖାଏ ଧାନ କାଟିବାକୁ କହିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ମିଲ୍‌ର ଧାନ ନେବାକୁ ଆଣିଥିବା ଟ୍ରକ୍‌କୁ ଚାଷୀମାନେ ଅଟକ ରଖି ଆନ୍ଦୋଳନ କରିଥିଲେ। ତେବେ ତହସିଲଦାରଙ୍କ ହସ୍ତକ୍ଷେପ ପରେ ଧାନର ମାନ ଯାଞ୍ଚକରି ଉଠାଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଆଗାମୀ ଦିନରେ ମିଲର ଧାନ କଟ୍‌ନିଛଟ୍‌ନି କଲେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।



# 'ଭବିଷ୍ୟତ ନିର୍ମାଣରେ ଶିଶୁମନ୍ଦିରର ଭୂମିକା ପ୍ରଶଂସନୀୟ'



କାର୍ଯ୍ୟକ୍ରମରେ ମଞ୍ଚାସୀନ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିମାନେ।

ପବିତ୍ରନଗର,୨୦।୧(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ସମଲ ବ୍ୟାରେଜ ସରସ୍ୱତୀ ଶିଶୁମନ୍ଦିରର ବିଂଶତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ତୋଷମଣି ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବିଜୟ କୁମାର ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ସଫଳତା ପାଇଁ ପରିଶ୍ରମ ଓ ଏକାଗ୍ରତା ଅତ୍ୟନ୍ତ ଦରକାର ବୋଲି କହିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ଶିଶୁମନ୍ଦିରର ଭୂମିକା ପ୍ରଶଂସନୀୟ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ହେମନ୍ତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଟିଟିପିଏସ୍ ଏନ୍‌ଟିପିସି ମାନବ ସଂସାଧନ ମୁଖ୍ୟ ରୋହିତ କୁମାର, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରେଙ୍ଗାଲିଭଗବାନ ଦାସ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବହୁ ସଂଖ୍ୟାରେ ଅଭିଭାବକ, ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗଦାନ କରିଥିଲେ। ବିଦ୍ୟାଳୟର ଗୁରୁମା, ଗୁରୁଜୀ, କର୍ମଚାରୀ, ସମସ୍ତ କମିଟି ସଦସ୍ୟ, ଶୁଭେଚ୍ଛୁ, ମାତୃଭାରତୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଓସ୍କାପାଲି ପଞ୍ଚାୟତରେ ଜନଶୁଣାଣି

ବଇଣ୍ଡା,୨୦।୧(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଓସ୍କାପାଲି ପଞ୍ଚାୟତ ସଭାଗୃହ ପରିସରରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା, ଜିପିଓ ସତ୍ୟପ୍ରିୟ ସାହୁ, ସରପଞ୍ଚ ବିଜୟିନୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଭିନ୍ନ ଅଞ୍ଚଳରୁ ମହିଳା ଓ ପୁରୁଷ ଯୋଗଦେଇ ଅଭିଯୋଗ କରିଥିଲେ। ସମସ୍ତ ଅଭିଯୋଗକୁ ଶୀଘ୍ର ସମାଧାନ କରିବା ପାଇଁ ବିଡିଓ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



# ଜିଲା ମହୋତ୍ସବ ଅସ୍ଥାୟୀ ଭାବେ ସ୍ଥଗିତ

ଅନୁଗୋଳ,୨୦।୧(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ମହୋତ୍ସବ ଆସନ୍ତା ଫେବୃଆରୀ ୭ରୁ ୯ ତାରିଖ ପର୍ଯ୍ୟନ୍ତ ହେବାକୁ ସ୍ଥିର କରାଯାଇଥିଲା। ସେହିପରି ଫେବୃଆରୀ ୭ରୁ ୧୧ ତାରିଖ ଯାଏ ପଲ୍ଲିଶ୍ରୀ ମେଳା ଆୟୋଜନ ନେଇ ସ୍ଥିର ହୋଇଥିଲା। ହେଲେ ଜିଲା ମହୋତ୍ସବକୁ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ଭାବେ ସ୍ଥଗିତ କରାଯାଇଛି ବୋଲି ସୂଚନା ଲୋକସମ୍ପର୍କ ଅଧିକାରୀ ଜଣାଇଛନ୍ତି। ଫେବୃଆରୀରେ ବିଧାନସଭାର ବଜେଟ ଅଧିବେଶନ ରହିଥିବାରୁ ଜିଲା ପ୍ରଶାସନ ତରଫରୁ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଆୟୋଜନ ଅସ୍ଥାୟୀ ଭାବେ ସ୍ଥଗିତ କରାଯାଇଛି। ପରବର୍ତ୍ତୀ ଧାର୍ଯ୍ୟ ତାରିଖ ଖୁବ୍‌ଶୀଘ୍ର ଜିଲା ପ୍ରଶାସନ ତରଫରୁ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ନାଲ୍‌କୋ ଥାନାରେ ନୂଆ ଅଧିକାରୀଙ୍କ ଯୋଗଦାନ

ବଣଁରପାଳ,୨୦।୧ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋନଗର ଆଦର୍ଶ ଥାନାର ନୂଆ ଅଧିକାରୀ ଭାବେ ଅନୁରାଧା ମାର୍ଥା ରବିବାର ଯୋଗ ଦେଇଛନ୍ତି। ସେ ପୂର୍ବରୁ ପାଲଲହଡ଼ା ଥାନାରେ କାର୍ଯ୍ୟରତ ଥିଲେ। ବିଦାୟୀ ଆଇଆଇସି ପ୍ରଦୀପ କୁମାର ମହନ୍ତଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ନାଲ୍‌କୋ ଥାନା ଅଞ୍ଚଳରେ ଟ୍ରାଫିକ ସମସ୍ୟାର ସମାଧାନ, ଦୁର୍ଘଟଣା ରୋକିବା ଦିଗରେ ପୋଲିସ କାମ କରିବା ସହ ଲୁଟ, ଚୋରି, ଚୋରା ନିଶା କାରବାର ରୋକିବା ସହିତ ଆଇନଶୃଙ୍ଖଳା ପ୍ରତି ଗୁରୁତ୍ୱ ଦିଆଯିବା ପ୍ରମୁଖ ଲକ୍ଷ୍ୟ ହେବ ବୋଲି ନୂଆ ଆଇଆଇସି କହିଛନ୍ତି। ସାଧାରଣ ଲୋକଙ୍କ ସାଥିରେ ରହି ପୋଲିସ କାମ କରିବ ଏବଂ ସମାଜର ସବୁ ଶ୍ରେଣୀର ଲୋକଙ୍କୁ ନ୍ୟାୟ ଦେବା ମୁଖ୍ୟ କାମ ରହିବ ବୋଲି ଥାନା ଅଧିକାରୀ ମାର୍ଥା ପ୍ରକାଶ କହିଛନ୍ତି। ସୂଚନାଯୋଗ୍ୟ, ନାଲ୍‌କୋ ଥାନାରେ ପୂର୍ବରୁ ଥିବା ଆଇଆଇସି ପ୍ରଦୀପ କୁମାର ମହନ୍ତଙ୍କ ପାଲଲହଡ଼ା ଥାନା ଅଧିକାରୀ ଭାବେ ବଦଳି ହୋଇଛି।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଓଡ଼ାପଡ଼ା,୨୦।୧ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଗଉଡ଼କାଟେଣିସ୍ଥିତ ସତ୍ୟମ ଶିବମ ସୁନ୍ଦରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଡ. ତାରା ପ୍ରସନ୍ନ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ଅକ୍ସିମା ପ୍ରିୟଦର୍ଶିନୀ ଯୋଗଦେଇ ଛାତ୍ରୀମାନେ ନିଜକୁ କିପରି ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୧୦୦ ଜଣ ଛାତ୍ରୀ ଯୋଗ ଦେଇଥିଲେ। ଅଧାପକ ସରୋଜ କୁମାର ମହାନ୍ତି, ଜଗନ୍ନାଥ ନାୟକ, ପ୍ରଭାତ କୁମାର ଓତା, ଅଧାପିକା ଅଞ୍ଜନା କର ଓ ସସ୍ମିତା ଦାସ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ।

# ମୃତ ଶିକ୍ଷକଙ୍କ ପରିବାରକୁ ଭେଟିଲା ରାଜ୍ୟ ସଂଘ

ଛେଣ୍ଡିପଦା,୨୦।୧ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାହାଲସାହି ଉଚ୍ଚ ବିଦ୍ୟାଳୟର କଳା ଶିକ୍ଷକ ସଞ୍ଜୟ କୁମାର ବେହେରାଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ଭେଟିଛନ୍ତି ରାଜ୍ୟ କଳା ଓ କ୍ରୀଡ଼ା ଶିକ୍ଷକ ସଂଘ କର୍ମକର୍ତ୍ତା। ଛେଣ୍ଡିପଦା ଗ୍ରାମର ଶିକ୍ଷକ ସଞ୍ଜୟଙ୍କ ଅକାଳ ବିୟୋଗ ପରେ ପରିବାର ଲୋକେ ସମ୍ପୂର୍ଣ୍ଣ ବେସାହାରା ହୋଇ ପଡ଼ିଥିଲେ। ଖବରପାଇ ରାଜ୍ୟ ସଂଘ ସଦସ୍ୟ ଧରଣୀଧର ସାହୁ, ଅନୁଗୋଳ ଜିଲା ସଭାପତି ସରୋଜ ରଞ୍ଜନ ସେନାପତି, ଛେଣ୍ଡିପଦା ବ୍ଲକ ସଭାପତି ବାଳକୃଷ୍ଣ ସାହୁ ଓ କୋଷାଧ୍ୟକ୍ଷ ଗୋକୁଳ ଚନ୍ଦ୍ର ସାହୁ ପ୍ରମୁଖ ମୃତ ଶିକ୍ଷକ ସଞ୍ଜୟଙ୍କ ଘରେ ପହଞ୍ଚି ପରିବାରକୁ ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ।

# ଚିତ୍ରକୂଟ ମନ୍ଦିର ପରିଚାଳନା କମିଟି ଗଠନ



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ତାଳଚେର,୨୦।୧ (ମନୋଜ ନନ୍ଦ)

ତାଳଚେରର ବହୁ ପୁରାତନ ଶୈବ ପୀଠ ଚିତ୍ରକୁଟ ମନ୍ଦିର ପରିସର ନିଶା ସେବନକାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଅଭିଯୋଗ ହେଉଥିବାରୁ ଏହାର ବିରୋଧ କରି ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନଗରପାଳ ପବିତ୍ର ଭୂତିଆ ଏହି ମନ୍ଦିରର ଉନ୍ନତି ପାଇଁ ସମସ୍ତେ ଏକତ୍ରିତ ହୋଇ ଆଗକୁ ଆସିବାକୁ ପରାମର୍ଶ ଦେଇଥିଲେ। ଏଥିସହ କାର୍ଯ୍ୟ ସମ୍ପାଦନ ପାଇଁ ନୂତନ କମିଟି ଗଠନ ସହ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ନଗରପାଳ ପବିତ୍ର ଭୂତିଆ, ଉପସଭାପତି ଭାବେ କାଉନସିଲର ସନ୍ତୋଷ ବେହେରା, ସାଧାରଣ ସମ୍ପାଦକ ଭାବେ କାଉନସିଲର ମମତା ରାଉତ, ସହ ସମ୍ପାଦକ ସମୀର ସାହୁ, କୋଷାଧ୍ୟକ୍ଷ ଭାବେ ସୁଧୀର ପଟ୍ଟନାୟକ, ଶରତ ବାରିକଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ଭାବେ ୨୧ ଜଣଙ୍କୁ ବଛାଯାଇଥିଲା। ଏହି କମିଟି ମନ୍ଦିରର ଉନ୍ନତି, ପରିଚାଳନା, ସୌନ୍ଦର୍ଯ୍ୟକରଣ, ପରିସରର ସୁରକ୍ଷା ନେଇ କାର୍ଯ୍ୟ କରିବ ବୋଲି ନୂତନ ସଭାପତି ଭୂତିଆ ପ୍ରକାଶ କରିଥିଲେ। ଏହି ବୈଠକରେ ଦେବୀ ମିଶ୍ର, ବିକାଶ ସାହୁ, ସନ୍ତୋଷ ଅଗ୍ରୱାଲ, ଲୁଲୁ ରାଉତ, ପଞ୍ଚାନନ ସାହୁ, ଭଗୀରଥୀ ମହାପାତ୍ର, ବାବୁଲି ମହାରଣା, ତପନ ମହାରଣା, ଟୁକୁନା ସ୍ୱାଇଁ, ମେଘନାଦ ପରିଡା, ବଳରାମ କୁଣ୍ଡ, ଗୋପୀନାଥ ସାହୁ, ବଳରାମ ବେହେରା, କାବୁଲି ସେନ, ଜିତେନ୍ଦ୍ର ଦାସ, ପ୍ରକାଶ ସାହୁ, ବାବୁନି ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।

# ସୁବର୍ଣ୍ଣ ଜୟନ୍ତୀ ସମାରୋହ ଲୋଗୋ ଉନ୍ମୋଚିତ

ଢେଙ୍କାନାଳ,୨୦।୧(ରତନ ନାୟାର)


ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଲୋଗୋ ଉନ୍ମୋଚନ କରାଯାଉଛି।

ଢେଙ୍କାନାଳ ବାଣିଜ୍ୟ ଭବନ ପରିସରରେ ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର କାର୍ଯ୍ୟକାରୀ କମିଟି ବୈଠକ ସଭାପତି ରାଜେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଲୋକନାଥ ମହାପାତ୍ର ଚଳିତ ବର୍ଷ ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ୫୦ବର୍ଷ ପୂର୍ତ୍ତି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆସନ୍ତା ଫେବୃଆରୀ ୧୬ ଓ ୧୭ ତାରିଖରେ ସ୍ଥାନୀୟ ଜିଲା ପରିଷଦ ପ୍ରେକ୍ଷାଳୟରେ ଆୟୋଜିତ ହେଉଥିବା ସୂଚନା ଦେଇଥିଲେ। କାର୍ଯ୍ୟକାରୀ ସଭାପିତ ବିନୋଦ ଅଗ୍ରୱାଲ ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟିର ଅଧ୍ୟକ୍ଷ ଓ ଉପସଭାପତି ରାଜକିଶୋର ବେହେରା ଏବଂ ନିରଦାନନ୍ଦ ନନ୍ଦ ସ୍ମରଣିକା କମିଟିର ଦାୟିତ୍ୱ ନିର୍ବାହ କରୁଥିବା ସୂଚନା ଦିଆଯାଇଥିଲା। ଏହି ସମାରୋହକୁ ସ୍ମରଣୀୟ କରିବା ପାଇଁ ସଭାପତି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଲୋଗୋ ଉନ୍ମୋଚନ କରିଥିଲେ। ଚଳିତବର୍ଷ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ଓ ପ୍ରତିଷ୍ଠାନର ସମସ୍ତ କାର୍ଯ୍ୟକ୍ରମରେ ଏହି ଲୋଗୋ ପ୍ରଦର୍ଶନ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ, ଓଡ଼ିଶାର ପ୍ରଥମ ଓ ସର୍ବପୁରାତନ ପଞ୍ଜୀକୃତ ବ୍ୟବସାୟୀ ସଂଘ ଏବଂ ଓଡ଼ିଶା ବ୍ୟବସାୟୀ ମହାସଂଘ ଢେଙ୍କାନାଳରୁ ହିଁ ଅୟମାରମ୍ଭ ହୋଇଥିବା ବରିଷ୍ଠ ଉପସଭାପତି ବିମଳ କୁମାର ପୋଦାର ସୂଚନା ଦେଇଥିଲେ। ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ପ୍ରତିଷ୍ଠା କରିଥିବା ଦିବଂଗତ ପ୍ରତିଷ୍ଠାତା ସଦସ୍ୟଗଣଙ୍କ ପରିବାର, ବିଭିନ୍ନ ସମୟରେ ପ୍ରତିଷ୍ଠାନକୁ ସୁଦୃଢ଼ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା, ପ୍ରତିଷ୍ଠାନର ୫୦ ବର୍ଷର ଇତିହାସ, ଫଟୋଚିତ୍ର ଓ ବ୍ୟବସାୟୀ ବର୍ଗଙ୍କ ଗୌରବମୟ ସୃଷ୍ଟି ସମ୍ଭାର ସମ୍ବଳିତ ଏକ ସ୍ମରଣିକା ପ୍ରକାଶିତ ହେବ। ଏ ଅବସରରେ ରାଜ୍ୟର ସମସ୍ତ ବାଣିଜ୍ୟ ପ୍ରତିଷ୍ଠାନର ସଦସ୍ୟମାନଙ୍କୁ ଆମନ୍ତ୍ରଣ କରାଯାଇ ରାଜ୍ୟସ୍ତରୀୟ ବ୍ୟବସାୟୀ ସମ୍ମିଳନୀ, ବ୍ୟାଙ୍କିଙ୍ଗ୍ ଓ ଫାଇନାନ୍ସ, ଟାକ୍ସ, ସମ୍ବନ୍ଧିତ ଆଲୋଚନାଚକ୍ରମାନ ସ୍ଥାନ ପାଇବ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଣିଜ୍ୟ ମେଳା ଅନୁଷ୍ଠିତ ହେବ। ବୈଠକରେ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦେବତା, ଉପସଭାପତି ମହେଶ ପ୍ରସାଦ ଅଗ୍ରୱାଲ, ବରିଷ୍ଠ ସଦସ୍ୟ ଗୋବିନ୍ଦ ଚନ୍ଦ୍ର ସେନାପତି, ସୁରେଶ ଚନ୍ଦ୍ର ବର୍ମା, ଦୁଷ୍ମନ୍ତ କୁମାର ରାଉତ, ମହମ୍ମଦ ସମୀର, ପ୍ରଣବାନନ୍ଦ ଦାସ, ବିକାଶ କୁମାର ପୋଦାର, କୃଷ୍ଣ କୁମାର ଅଗ୍ରୱାଲ ଓ ଆଶିଷ କେଡିଆ ପ୍ରମୁଖ ଉପସ୍ଥିତ ରହି ମତାମତ ଉପସ୍ଥାପନ କରିଥିଲେ। ପ୍ରକାଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ଖଣି ଖନନ ଅଭିଯୋଗ

ଢେଙ୍କାନାଳ,୨୦।୧(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲ ପ୍ରସାଦ ଥାନା ନିଶ୍ଚିନ୍ତା ପାହାଡ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବେଆଇନ ଭାବେ ଖଣି ଖନନ କରାଯାଉଥିବା ସୋମବାର ଅଭିଯୋଗ ହୋଇଛି। ଏହି ଖଣି ଖନନ ଅନୁମତି କାହା ସ୍ୱାର୍ଥରେ ବୋଲି ପୂର୍ବତନ ବିଧାୟକ ନବୀନ ନନ୍ଦ ପ୍ରଶ୍ନ ଉଠାଇଛନ୍ତି। କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଜିଲା ପ୍ରଶାସନଠାରୁ ନାମକୁ ମାତ୍ର ଅସ୍ଥାୟୀ ଖଣି ଖନନ ଅନୁମତି ନେଇ ବେଆଇନ ଭାବେ ଖଣି ଖନନ କରି କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ୍ କରୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ସମଗ୍ର ରାଜ୍ୟ ପାଇଁ ଗୋଟିଏ ନିୟମ ରହିଥିବା ବେଳେ ଢେଙ୍କାନାଳ ଜିଲାରେ କାହିଁକି ଆଉ ଗୋଟିଏ ନିୟମ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏକ ଘରୋଇ କ୍ରଶର କମ୍ପାନୀ ବିରୋଧରେ ଏ ସଂକ୍ରାନ୍ତରେ ନିହଲ ପ୍ରସାଦ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ମଧ୍ୟ କରିଛନ୍ତି। ଜିଲା ପ୍ରଶାସନ ଏହି ଅଭିଯୋଗ ଉପରେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପଡୋଶୀ ଜିଲା ଯାଜପୁରରେ କୌଣସି ଘରୋଇ ଜମି ଉପରେ ଅସ୍ଥାୟୀ ଖଣି ଖନନ ଅନୁମତି ଦିଆଯାଉ ନ ଥିବା ବେଳେ ଢେଙ୍କାନାଳ ଜିଲାରେ ଏହାର ବ୍ୟତିକ୍ରମ ଘଟୁଛି। ସରକାରୀ ନିୟମ ଅନୁସାରେ ଯଦି କୌଣସି ଜାତୀୟ ପ୍ରକଳ୍ପ ପାଇଁ ଲଘୁ ଖଣିଜ ଦ୍ରବ୍ୟର ଆବଶ୍ୟକ ପଡେ, ତେବେ ସେଭଳି କ୍ଷେତ୍ରରେ ସ୍ୱତନ୍ତ୍ର ମଞ୍ଜୁରୀ ଦିଆଯାଇଥାଏ। ଏକ ନିର୍ଦ୍ଦିଷ୍ଟ ଘରୋଇ କ୍ରଶର କମ୍ପାନୀ ପ୍ଲଟ ନଂ-୬୮୯୦, ଖାତା ନଂ-୧୪୩୩/୧୮୧୨ରେ ୫ଏକର ୫୫ ଡେସିମିଲ ଓ ପ୍ଲଟ ନଂ-୬୮୯୦/୯୯୯୩ରେ ୫.୫୫ ଏକର ଶାରଦ-୩ରେ ପ୍ରାୟ ୧୧ ଏକର ଚାଷ ଜମିରେ ଅସ୍ଥାୟୀ କଳାପଥର ଖଣି ପାଇଁ ଅନୁମତିନିମନ୍ତେ ଜିଲା ପ୍ରଶାସନକୁ ଆବେଦନ କରିଥିବା ପୂର୍ବତନ ବିଧାୟକ ନବୀନ ନନ୍ଦ ଜିଲା ପ୍ରଶାସନକୁ ଜଣାଇଛନ୍ତି। ଏହି ଆବେଦନ ଉପରେ ସ୍ଥାନୀୟ ପଞ୍ଚାୟତଠାରୁ ଏନ୍ଓସି ମଧ୍ୟ ନିଆଯାଇନାହିଁ। ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପକ୍ଷରୁ ବିନା ତର୍ଜମାରେ ଏହାର ଅନୁମୋଦନ ପାଇଁ ଜିଲା ପ୍ରଶାସନକୁ ପଠାଯାଇଥିବା ଅଭିଯୋଗ ହୋଇଛି। ଏଥିସହିତ ଜମି ନିକଟରେ ଏକ ଜଳାଶୟ ରହିଛି। ଯେଉଁଥିରୁ ସ୍ଥାନିୟ ଜୀବଜନ୍ତୁ ପାନୀୟଜଳ ପାଇଥାନ୍ତି। ଏଭଳି ବେନିୟମ କାର୍ଯ୍ୟକୁ ଜିଲା ପ୍ରଶାସନ ଅନୁମତି ଦେବା ଉଚିତ ନୁହେଁ ବୋଲି ଦର୍ଶାଇ ପୂର୍ବତନ ବିଧାୟକ ଏ ସଂକ୍ରାନ୍ତରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ବେଆଇନ ପଥର ଖଣିରେ ଚଢ଼ାଉ

ରାସୋଲ,୨୦।୧(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ରାସୋଲ ଥାନା କାରନ୍ଦା ଅଞ୍ଚଳରେ ଚାଲିଥିବା ସରକାରୀ ଜମିରୁ କଳା ମୁଗୁନି ପଥର ଉତ୍ତୋଳନ ନେଇ ଖଣି ବିଭାଗ, ହିନ୍ଦୋଳ ତହସିଲଦାର ଓ ରାସୋଲ ପୋଲିସ ମିଳିତ ଭାବରେ ରବିବାର ଚଢାଉ କରିଥିଲେ। ଏଥିରେ ୨ଟି ଏକ୍ସାଭେଟର, ଗୋଟିଏ ଟିପ୍ପର, ଗୋଟିଏ ନଳକୂଅ ଗାଡି ଓ ୨ଟି ମେଶିନକୁ ଜବତ କରାଯାଇଥିଲା। ଖଣିକୁ ସିଲ୍ କରାଯାଇଥିଲା। ଚଢାଉ ବଳେ ୧୨ଜଣ ଡ୍ରାଇଭର ଓ ହେଲପରଙ୍କୁ ପଚରାଉଚରା ପରେ ଛାଡି ଦିଆଯାଇଥିଲା। ଅଞ୍ଚଳରେ ବେଆଇନ ପରଥ ଖଣି ଖାଦାନ ବହୁଳ ଭାବରେ ଚାଲୁଥିବାରୁ ରାଜସ୍ୱ ହାନି ଘଟୁଛି। ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବା ପାଇଁ ଦାବି ହେଉଛି।

# ମଣ୍ଡି ଆରମ୍ଭ, ଉଠାଗଲା ୧୬ ଚାଷୀଙ୍କ ଧାନ


ମଣ୍ଡି ଉଦ୍‌ଘାଟନ ଅବସରରେ ଅତିଥିମାନେ।

ଭୁବନ ୨୦।୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ସେବା ସମବାୟ ସମିତି ପକ୍ଷରୁ ସୋମାର ପ୍ରଥମ ଧାନ ମଣ୍ଡି ଉଦ୍‌ଘାଟନ କରାଯାଇଛି। ଏହି ମଣ୍ଡିକୁ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଉଦ୍‌ଘାଟନ କରିବା ସହ ଚାଷୀମାନଙ୍କୁ ସମସ୍ତ ସୁବିଧା ସହିତ ଧାନ କ୍ରୟ କରାଯିବ ବୋଲି କହିଥିଲେ। ସେଥିରେ କାମାକ୍ଷାନଗର ସମବାୟ ସମିତି ସହକାରୀ ନିର୍ଦ୍ଦେଶକ ସମୂହ ଶରତ ଚନ୍ଦ୍ର ପାଣିଗ୍ରାହୀ, ଭୁବନ ସେବା ସମବାୟ ସମିତିର ସଭାପତି ଶଙ୍କର୍ଷଣ ପୃଷ୍ଟି ଓ ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ସମେତ ସମସ୍ତ ଡାଇରେକ୍ଟର ଉପସ୍ଥିତ ଥିଲେ। ପ୍ରଥମ ଦିନ ୧୬ ଜଣ ଚାଷୀଙ୍କ ୩୮୪ କୁଇଣ୍ଟାଲ ୧୪ କେଜି ଧାନ କ୍ରୟ କରାଯାଇଥିଲା। ଚାଷୀମାନଙ୍କ ଠାରୁ କୁଇଣ୍ଟାଲ ପ୍ରତି ୬ କେଜି ଧାନ କଟନିଛଟନି କରାଯାଇଥିଲା। ଚଳିତ ବର୍ଷ ଭୁବନ ସେବା ସମବାୟ ସମିତିରେ ୯୫୪ ଜଣ ଚାଷୀ ୨୪୫୦୦ କୁଇଣ୍ଟାଲ ଧାନ ବିକ୍ରୟ କରିବା ପାଇଁ ସରକାରଙ୍କ ପକ୍ଷରୁ ଅନୁମିତି ମିଳିଛି। ସରକାରଙ୍କ ପକ୍ଷରୁ ଚାଷୀମାନଙ୍କ ପାଇଁ ପାନୀୟ ଜଳ, ବିଶ୍ରାମ ସ୍ଥଳୀ ଓ ଶୌଚାଳୟ ବ୍ୟବସ୍ଥା କରାଯାଇଛି ବୋଲି ସହକାରୀ ନିର୍ଦ୍ଦେଶକ କହିଛନ୍ତି।

# କୁନ୍ତଳା ରାଉତ ସ୍ମାରକୀ କ୍ରିକେଟ ଉଦ୍‌ଘାଟିତ

ଢେଙ୍କାନାଳ,୨୦।୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ତିଳପଦାଠାରେ ପ୍ରଥମ କୁନ୍ତଳା ରାଉତ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ କଳା ସଂସ୍କୃତିର ଉପସଭାପତି ଅବନୀ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କବି ପ୍ରମାନନ୍ଦ ରାଉତ, ଗ୍ରାମ ସଭାପତି ବ୍ରହ୍ମାନନ୍ଦ ରାଉତ ଓ ସମାଜସେବୀ ନକୁଳଚନ୍ଦ୍ର ରାଉତ ଓ ପ୍ରତିଯୋଗିତାର ମୁଖ୍ୟ ଆୟୋଜକ ଜନାର୍ଦ୍ଦନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଜଙ୍ଗିରା ଦଳ, ନୂଆଗାଁକୁ ୮ରନରେ ପରାସ୍ତ କରିଥିଲା। ମାନସ ରାଉତ ଓ ସୁଶୀଲ ରାଉତ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ମୁନସନ କ୍ରିକେଟ କ୍ଲବ ଦଳର ସଦସ୍ୟମାନେ ସହଯୋଗ କରିଥିଲେ।


ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଖେଳାଳି।

# ମହିମାଗାଦୀ-ପୁରୀ ବସ୍ କପିଳାସ ଦେଇ ଚଳାଚଳ କରୁ

ଢେଙ୍କାନାଳ,୨୦।୧(ରତନ ନାୟାର)

ବିଶ୍ୱ ପ୍ରସିଦ୍ଧ ମହିମାଧର୍ମର ପୀଠସ୍ଥଳୀ ମହିମାଗାଦି ଯୋରନ୍ଦାରୁ ପୁରୀକୁ ଓଏସ୍ଆରଟିସି ପକ୍ଷରୁ ଏକ ବସ୍ ଚଳାଚଳ କରୁଥିବା ରାଜ୍ୟ ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସୋମବାର ପୂର୍ବତନ ବିଧାୟକ ନବୀନ ନନ୍ଦ କହିଛନ୍ତି। ମହିମାଗାଦିରୁ ପୁରୀ ଯାଉଥିବା ଏହି ବସ୍‌କୁ ରାଜ୍ୟ ତଥା ଜିଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ତଥା ପର୍ଯ୍ୟଟନସ୍ଥଳୀ କପିଳାସ ଦେଇ ଚଳାଚଳ କରିବା ପାଇଁ ସେ ଜିଲାପାଳଙ୍କୁ ଲିଖିତ ଭାବେ ଦାବି କରିଛନ୍ତି। ଯେହେତୁ କପିଳାସରେ ପର୍ଯ୍ୟଟକଙ୍କ ଭିଡ ହେଉଥିବା ବେଳେ କପିଳାସରୁ ମଧ୍ୟ ପୁରୀ ଯିବା ପାଇଁ କୌଣସି ସୁବିଧା ନ ଥିବାରୁ ଯାତ୍ରୀ ମାନଙ୍କ ସୁବିଧା ଦୃଷ୍ଟିରୁ ଏଭଳି ପଦକ୍ଷେପ ନେବା ପାଇଁ ସେ ଦାବି କରିଛନ୍ତି । ଫଳରେ ପର୍ଯ୍ୟଟନର ବିକାଶ ମଧ୍ୟ ହୋଇପାରିବ ବୋଲି ସେ କହିଛନ୍ତି।

# ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ପରଜଙ୍ଗ,୨୦।୧(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ବାଗିହାପୁର-ବଡଝରା ୫୩ନଂ ଜାତୀୟ ରାଜପଥଠାରୁ କାମାକ୍ଷାନଗର ଜଡ଼ାପାଳ ଛକ ପର୍ଯ୍ୟନ୍ତ ରେଙ୍ଗାଳି ବାମପାର୍ଶ୍ୱ କେନାଲ ରାସ୍ତା ସମ୍ପ୍ରସାରଣ ପାଇଁ ସୋମବାର ପଥରଖମ୍ବ ଛକ କେନାଲ ବନ୍ଧଠାରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତ କିଶୋର ଦଳାଇ ଓ କୁନାରାମ ମହନ୍ତ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୩୩ କୋଟି ଟଙ୍କା ବ୍ୟୟ ଅଟକଳ ସହ ତା ୯/୯/୨୬ରିଖ ସୁଦ୍ଧା ସମ୍ପାଦନ କରିବାକୁ ଧାର୍ଯ୍ୟ କରାଯାଇଛି। ସାମାଜିକକର୍ମୀ ରମେଶ ଚନ୍ଦ୍ର ସାହୁ ମଞ୍ଚ ସଞ୍ଚାଳନ ଓ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ସାମାଜିକକର୍ମୀ ବସନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଚାଷୀ ବିକିଲେ ୨୪୮.୨୬ କୁଇଣ୍ଟାଲ ଧାନ


ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟନ ହେଉଛି।

ଓଡ଼ାପଡ଼ା, ୨୦।୧ (ରଞ୍ଜିତ ନାୟକ)

ଓଡ଼ାପଡ଼ା ସେବା ସମବାୟ ସମିତିରେ ଧାନମଣ୍ଡି ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡଙ୍ଗୀଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା। ଯୋଗାଣ ବିଭାଗ ମିଲର ଓ ଚାଷୀମାନଙ୍କୁ ନେଇ ବୈଠକ କରାଯାଇ କୁଇଣ୍ଟାଲ ପ୍ରତି ୬ କିଲୋଗ୍ରାମ ଧାନ କାଟିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁଯାୟୀ ୧୧ ଜଣ ଚାଷୀଙ୍କ ଠାରୁ ୨୪୮.୨୬ କୁଇଣ୍ଟାଲ ଧାନ ଉଠାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗାଣ ବିଭାଗ ଅଧିକାରୀ ସୂର୍ଯ୍ୟକାନ୍ତ ପ୍ରଧାନ ଓ ଆର ଏମ ସି କର୍ମଚାରୀ ଲିପସା ସାହୁ, ମିଲର କମଲେସଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ଓଡ଼ାପଡ଼ା ସେବା ସମବାୟ ସମିତିରେ ୪୬୫ ଜଣ ଚାଷୀ ୧୨୦୦୦ କୁଇଣ୍ଟାଲ ଧାନ ବିକ୍ରୟ କରିବା ପାଇଁ ସରକାରଙ୍କ ପକ୍ଷରୁ ଅନୁମିତି ମିଳିଛି। ସରକାରଙ୍କ ପକ୍ଷରୁ ଚାଷୀମାନଙ୍କ ପାଇଁ ପାନୀୟ ଜଳ, ବିଶ୍ରାମ ସ୍ଥଳୀ ଓ ଶୌଚାଳୟ ବ୍ୟବସ୍ଥା କରାଯାଇଛି ବୋଲି ସମବାୟ ସମିତି ସମ୍ପାଦକ କହିଛନ୍ତି।

# ତରଭାରେ ଧାନମଣ୍ଡି ଶୁଭାରମ୍ଭ

ଢେଙ୍କାନାଳ,୨୦।୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ତରଭା ସମବାୟ ସମିତିଠାରେ ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ସମବାୟ ସମିତି ସଭାପତି ଚୁନାମାଳିନୀ ବିଶ୍ୱାଳ, ଶୁଭ୍ରାଂଶୁ ଶେଖର ପାତ୍ର, ସମବାୟ ବିଭାଗ ପକ୍ଷରୁ ପ୍ରସନ୍ନ କୁମାର ରାଜ, ସମ୍ପାଦକ ଅମରଚନ୍ଦ୍ର ଦାସ, ଦେବରାଜ ମଲିକ, ତରଭା ଓ ନୂଆଗାଁ ପଞ୍ଚାୟତର ସାରଙ୍ଗଧର ପରିଡା, ରାମଚନ୍ଦ୍ର ବେହେରା, ପ୍ରତ୍ୟୁଷା ପ୍ରିୟଦର୍ଶିନୀ ରାଉତ, ଚାଷୀ ସନ୍ତୋଷ କୁମାର ଭୁୟାଁ, ଧନେଶ୍ୱର ରାଉତ, ଅଶୋକ କୁମାର ବେହେରା, ସୁବାସ ଦାସ ଓ ବ୍ୟାଙ୍କ ଅଧିକାରୀ ସତ୍ୟବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।


ତରଭା ସେବା ସମବାୟ ସମିତିରେ ଧାନମଣ୍ଡି ଶୁଭାରମ୍ଭ କରାଯାଉଛି।

# କବାଡ଼ି ପ୍ରତିଯୋଗିତା: ଅନୁଗୋଳ ଚାମ୍ପିୟନ


ଚାମ୍ପିୟନ ଟିମ୍ ଅନୁଗୋଳକୁ ଟ୍ରଫି ପ୍ରଦାନ କରାଯାଉଛି।

ଢେଙ୍କାନାଳ,୨୦।୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ କାଣ୍ଡବିନ୍ଧା ସ୍କୁଲ୍ ପଡିଆ ଠାରେ ସତ୍ୟରଞ୍ଜନ ସ୍ପୋର୍ଟସ୍ ଏକାଡେମୀ ତରଫରୁ ପ୍ରଥମ ବ୍ଲକସ୍ତରୀୟ କବାଡି ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରଘୁନାଥଜୀଉ ବିଦ୍ୟାମନ୍ଦିର ସଭାପତି ନିରାକାର ପରିଡା ଏବଂ ମୁଖ୍ୟବକ୍ତା ଭାବେ ରଂଜନ କୁମାର ସାହୁ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ କାଣ୍ଡବିନ୍ଧା, ଭୁବନ, ଡେଙ୍ଗବୋରେଇ, ନାଧେରା, ଅନୁଗୋଳ ଏବଂ ଇନ୍ଦିପୁରର ଖେଳାଳିମାନେ ଯୋଗ ଦେଇଥିବାବେଳେ ଅନୁଗୋଳ ଟିମ୍ ଚାମ୍ପିୟନ ପୁରସ୍କାର ଏବଂ କାଣ୍ଡବିନ୍ଧା ରନର୍ସଅପ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟରଞ୍ଜନ ସ୍ପୋର୍ଟ୍ସ ଏକାଡେମୀର ସଭାପତି ସତ୍ୟବାନ ପାତ୍ର, ସମ୍ମାନିତ ଅତିଥି ଭାବେ ଲ' କଲେଜ୍‌ର ସଭାପତି ମାନସ ରଞ୍ଜନ ହୋତା ପ୍ରମୁଖ ଉପସ୍ଥିତ ରହି ବିଜୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଏକାଡେମୀର ସମ୍ପାଦକ ରଞ୍ଜନ କୁମାର ସାହୁ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଏକାଡେମୀର କାର୍ଯ୍ୟକର୍ତ୍ତା ଉପଦେଷ୍ଟା ବିଚିତ୍ର ସାହୁ, ଅଶୋକ କୁମାର ସ୍ୱାଇଁ, ଶେଷଦେବ ନାୟକ, ସରିତା ବିଶ୍ୱାଳ, ଅଚ୍ୟୁତାନନ୍ଦ ସାହୁ, ସନ୍ଦୀପ ସାହୁ ଏବଂ ସମସ୍ତ ସଭ୍ୟ ସହଯୋଗ କରିଥିଲେ।

# ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ୨୦୨୫ ଉଦ୍‌ଯାପିତ

ଢେଙ୍କାନାଳ,୨୦।୧(ରତନ ନାୟାର)

ଢେଙ୍କାନାଳ ସହର ସୂର୍ଯ୍ୟ କନଭେନଶନ୍ ପରିସରରେ ସୂର୍ଯ୍ୟ ଗ୍ରୁପ୍ ଓ ପୁଷ୍ପ ପ୍ରଦର୍ଶନୀ ପରିଚାଳନା କମିଟି ପକ୍ଷରୁ ପୁଷ୍ପ ପ୍ରଦର୍ଶନୀ ଏବଂ ପ୍ରତିଯୋଗିତା ୧୭ ରୁ ୧୯ ତାରିଖ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ଜନ ସଞ୍ଚାର ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ପୁଷ୍ପର ଆବଶ୍ୟକତା ବିଷୟରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଉଇଂ କମାଣ୍ଡର ବିରଜା ଶଙ୍କର ସିଂହଦେଓ ଉପସ୍ଥିତ ରହି ସମସ୍ତ ପୁଷ୍ପ ପ୍ରେମୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ଶିକ୍ଷାବିତ ଡ. ଦେବୀ ପ୍ରସାଦ ମିଶ୍ର, ମୀନା ବଜାର ସଭାପତି ରବିନାରାୟଣ ମହାନ୍ତି ଓ ସୂର୍ଯ୍ୟଗ୍ରୁପ୍‌ର ନିର୍ଦ୍ଦେଶକ ସୌମେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି ପୁଷ୍ପପ୍ରେମୀ ବରିଷ୍ଠ ଆଇନଜୀବୀ ଶିବସାଇ ମହାପାତ୍ର, ଆଲୋକ କୁମାର କର, ଅକ୍ଷୟ କୁମାର ଜେନା, ସନ୍ତୋଷ କୁମାର ପଣ୍ଡା, ରଜତ ମିଶ୍ର ପ୍ରମୁଖଙ୍କ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହାସହିତ ବ୍ରଜନାଥ ବଡ଼ଜେନା ଓ ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରୀଙ୍କୁ ଜିତୁ ପଟ୍ଟନାୟକ ଫାଉଣ୍ଡେଶନ୍ ପକ୍ଷରୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ପୁଷ୍ପ ରଙ୍ଗୋଲି, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, ରାମ୍ପ୍ ୱାକ ଭଳି ସାଂସ୍କୃତିକ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। କମିଟି ସଦସ୍ୟ ସୌମ୍ୟବ୍ରତ ସାହୁ ଏବଂ ଗୁରୁଦେବଜୀ ଫାଉଣ୍ଡେଶନର ସ୍ୱେଚ୍ଛାସେବୀ ରୋଜାଲିନ ସାହୁ, ଇନ୍ଦ୍ରଜିତ ସାହୁ, ପ୍ରତାପ ନାୟକ, ସ୍ୱପ୍ନା ମୁଦୁଲି, ସ୍ୱାତି ପୃଷ୍ଟି, ପ୍ରକାଶ କୁମାର ମହାନ୍ତି ଏବଂ ସୂର୍ଯ୍ୟ ଗ୍ରୁପ୍‌ର ଚିନ୍ମୟ ମହାନ୍ତି, ପରେଶ ତ୍ରିପାଠୀ, ଗୌରାଙ୍ଗ ମୁଦୁଲି, ସୁମନ୍ତ ନାୟକ, ରାମଚନ୍ଦ୍ର ନାୟକଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଅନିର୍ବାଣ ତିୱାରୀ ଧନ୍ୟବାଦ ପ୍ରଦାନ କରିଥିଲେ।


ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଅବସରରେ ପୁରସ୍କାର ବିତରଣ କରାଯାଉଛି।

